**ତା ୨୪/୦୯/୨୦୨୫ ରିଖ**

**ଶୀତଳ ଭଣ୍ଡାର ନିର୍ମାଣ**

**ଅଣତାରକା ପ୍ରଶ୍ନ. ୧୯୭୩. ଶ୍ରୀ ବାବୁ ସିଂ : ଉପ ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି** :- ପ୍ରତି ପଞ୍ଚାୟତରେ ପନିପରିବା ଯଥା- ଆଳୁ, ପିଆଜ, ବିଲାତି ବାଇଗଣ ଇତ୍ୟାଦିର ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ପ୍ରସ୍ତାବ ଅଛି କି, ପ୍ରତି ପଞ୍ଚାୟତ ପରିବର୍ତ୍ତେ ଅନ୍ତତପକ୍ଷେ ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଶୀତଳ ଜଣ୍ଡାର ନିର୍ମାଣ କରାଗଲେ ସହଜରେ କାର୍ଯ୍ୟକାରୀ ହୋଇପାରିବ, ଏଥିପାଇଁ ସରକାର ପଦକ୍ଷେପ ନେବେ କି ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ :-**

ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ଅନୁସାରେ ଉଦ୍ୟୋଗୀମାନେ ଉପଖଣ୍ଡ ତଥା ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିପାରିବେ । ରାଜ୍ୟର କୌଣସି ପଞ୍ଚାୟତ, ବ୍ଲକ ତଥା ଉପଖଣ୍ଡରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କ ଠାରୁ ପ୍ରସ୍ତାବ ଆସିଲେ ତାକୁ ବିଚାରକୁ ନିଆଯିବ ।

*****